# ଶିକ୍ଷା ବ୍ୟବସ୍ଥାରେ ଜାତିଭେଦ

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ବିଧାନସଭା ଚାଲୁଥିବାବେଳେ ବିଭିନ୍ନ ସଂଘ ଓ ଅନୁଷ୍ଠାନ ତରଫରୁ ନିଜନିଜର ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଏକ ସ୍ୱାଭାବିକ ଓ ଦେହସୁହା ଘଟଣା ହୋଇଗଲାଣି । କିନ୍ତୁ ବିଭିନ୍ନ ବର୍ଗର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଗତକାଲିର ଧାରଣା ଆମ ବିଚାରରେ କେବଳ ଅସ୍ୱାଭାବିକ ନଥିଲା, ଅସହ୍ୟ ମଧ୍ୟ ଥିଲା । ୨୦ ହଜାରରୁ ଅଧିକ ଶିକ୍ଷକ, ଶିକ୍ଷୟିତ୍ରୀ ରାଜରାସ୍ତାକୁ ଓହ୍ଲାଇଥିଲେ । ଦିନ ତମାମ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏକାଧିକ କାରଣରୁ ଏହା ଆମକୁ ଆନ୍ଦୋଳିତ ଓ ବିବ୍ରତ କରୁଛି । ଏମାନେ ସମସ୍ତେ ଉଚ୍ଚବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ । ୮ ହଜାରରୁ ଉର୍ଦ୍ଧ୍ୱ ଉଚ୍ଚବିଦ୍ୟାଳୟ ମଧ୍ୟରୁ ପ୍ରାୟ ୫ ହଜାର ଉଚ୍ଚବିଦ୍ୟାଳୟ ସହିତ ଏମାନଙ୍କର ସମ୍ପର୍କ ଅଛି । ଅର୍ଥାତ୍ ୫ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଗତକାଲି ଠାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଯେଉଁ କଥାଟି ଆମକୁ ଆହୁରି ଆନ୍ଦୋଳିତ କରୁଛି, ତାହାହେଲା ଆଜିର ଖବର ଓ ଫଟୋଚିତ୍ର ହାଇସ୍କୁଲର ଛାତ୍ରଛାତ୍ରୀମାନେ ଦେଖି କ'ଣ ଭାବୁଥିବେ । ପ୍ରାୟ ୩ ମାସ ତଳେ ସେପ୍ଟେମ୍ବର ୫ ତାରିଖ ଦିନ ଗୁରୁଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦ ମଧ୍ୟ ଛାତ୍ରଛାତ୍ରୀ ଓ ଗୁରୁମାନଙ୍କ ସହିତ ସମ୍ପର୍କ ଯୋଡ଼ିଥିଲେ । 'ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର' ବୋଲି ଛାତ୍ରଛାତ୍ରୀଙ୍କୁ ପ୍ରବଚନ ଦେଇଥିଲେ । ଆଜି ସେମାନଙ୍କର ଈଶ୍ୱରମାନଙ୍କୁ ଏପରି ହୀନିମାନିଆ କରି ରାଜରାସ୍ତାରେ ପଡ଼ି ରହିବା ପାଇଁ କିଏ ବାଧ୍ୟ କରିଛି? ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା କି ବାର୍ତ୍ତା ଦେଉଛି? ଆମେ କିନ୍ତୁ ସ୍ପଷ୍ଟ ବାର୍ତ୍ତା ପାଉଛୁ ଯେ, ସରକାରଙ୍କର ଆମ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ଆଦୌ ଆନ୍ତରିକତା ନାହିଁ । ଆଜି ତ ଚିଟ୍‌ଫଣ୍ଡ ଚିନ୍ତାରେ ପୂରା ସରକାରୀ କଳ ଏତେ ବ୍ୟତିବ୍ୟସ୍ତ ଓ ବିବ୍ରତ ଯେ ନା ବିଧାନସଭା ଚାଲି ପାରୁଛି, ନା ସଚିବାଳୟରେ କିଛି କାମ ହେଉଛି । ରାଜରାସ୍ତାରେ ଧାରଣାରତ ଶିକ୍ଷକମାନଙ୍କ କଥା ପଚାରୁଛି କିଏ?

ଆମ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ଅନେକଗୁଡ଼ିଏ କାରଣ ଅଛି । ଆମ ବିଚାରରେ ପ୍ରଥମ ଓ ପ୍ରମୁଖ କାରଣ ହେଲା, ଶିକ୍ଷା ବ୍ୟବସ୍ଥାରେ ଅବାଞ୍ଛିତ ଜାତି ପ୍ରଥା । ଓଡ଼ିଶାର ବିଭିନ୍ନ ବିଦ୍ୟାଳୟଗୁଡ଼ିକ କେବଳ ସରକାରୀ ବା ବେସରକାରୀ ଏପରି ଦୁଇ ଭାଗରେ ବିଭକ୍ତ ନୁହନ୍ତି । ସରକାରୀ ବିଦ୍ୟାଳୟଗୁଡ଼ିକ ବିଭିନ୍ନ ଜାତିରେ ବିଭକ୍ତ । କିଏ ପୂର୍ଣ୍ଣ ସରକାରୀ ତ କିଏ ଅନୁଦାନ ଭିତିରେ ଅର୍ଦ୍ଧସରକାରୀ । ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ନିୟୋଜିତ ଶିକ୍ଷକମାନେ ମଧ୍ୟ ବିଭିନ୍ନ ଜାତିର । ସେମାନଙ୍କର ପ୍ରକାରଭେଦ ମନେ ରଖିବା ମଧ୍ୟ କଷ୍ଟ । ଏମାନେ କେବଳ ବିଭିନ୍ନ ଜାତିରେ ବିଭକ୍ତ ନୁହନ୍ତି, ସମାନ କାମ କରି ମଧ୍ୟ ଭିନ୍ନ ଭିନ୍ନ ଦରମା ପାଆନ୍ତି । ନିଜ ଚାକିରିର ସୁରକ୍ଷା ଓ ଦରମା ବୃଦ୍ଧି ସଂକ୍ରାନ୍ତ ଆନ୍ଦୋଳନ ଏମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହୋଇଯାଇଛି । ଶିକ୍ଷାଦାନ ଗୌଣ ହୋଇଯିବା ସ୍ୱାଭାବିକ । ବିଭିନ୍ନ ଜାତିର ଶିକ୍ଷକଙ୍କୁ ଭିନ୍ନ ଭିନ୍ନ ସମୟରେ ତୁଷ୍ଟ କରି ସରକାର ସେମାନଙ୍କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରି ଆସୁଛନ୍ତି ।

ଏହି ଶିକ୍ଷା ବ୍ୟବସ୍ଥାର ଅବକ୍ଷୟର ଅନ୍ୟ ଏକ କାରଣ ହେଲା, ଓଡ଼ିଶାର ବିଶିଷ୍ଟ ବର୍ଗଙ୍କର ଏ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ନାହିଁ । ରାଜନୈତିକ ନେତୃମଣ୍ଡଳୀ, ଉଚ୍ଚପ୍ରଶାସନିକ ଅଧିକାରୀ ଓ ବିତ୍ତଶାଳୀ ଓଡ଼ିଆଙ୍କର ପିଲାମାନେ ଏବେ ଆଉ ସରକାରୀ ସ୍କୁଲରେ ପଢୁ ନାହାନ୍ତି । ଏଣୁ ସରକାରକୁ ନିୟନ୍ତ୍ରଣ କରୁଥିବା ବିଶିଷ୍ଟ ବର୍ଗ ସରକାରୀ ସ୍କୁଲର ଅବକ୍ଷୟ ସମ୍ପର୍କରେ ଆଦୌ ଚିନ୍ତିତ ନୁହନ୍ତି ।

ଟିକିଏ ତଳେଇ ଦେଖିଲେ, ଏ ଅବକ୍ଷୟ ଯେ ଏକ ସୁଚିନ୍ତିତ ଯୋଜନା ଓ ଷଡ଼ଯନ୍ତ୍ରର ଫଳଶ୍ରୁତି ଏହା ସ୍ପଷ୍ଟ ହୋଇଯିବ । ଗତ ନିର୍ବାଚନଗୁଡ଼ିକରେ ବର୍ତ୍ତମାନର ଶାସକ ଗୋଷ୍ଠୀ କ୍ଷମତା ହାସଲର ଏକ ସହଜ ଓ ସରଳ କୌଶଳ ଆପଣେଇ ନେଇଛନ୍ତି । ପର୍ଯ୍ୟାପ୍ତ ଅର୍ଥ ଥିଲେ ସବୁକିଛି କିଣାଯାଇ ପାରିବ, ଏହାହିଁ ମୂଳମନ୍ତ୍ର ହୋଇଛି । ସଂଖ୍ୟାଧିକ ଲୋକ ଯଦି ସବୁବେଳେ ଗରିବ ରହିବେ ତା'ହେଲେ ତାଙ୍କ ଭୋଟ କିଣିବା ସହଜ ହେବ । ପୁଣି ଏମାନେ ଯଦି ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ହୋଇ ରହିବେ ତା'ହେଲେ ତାଙ୍କୁ ସରଳରେ ଭୁଡେଇ ହେବ । ଶିକ୍ଷା ବ୍ୟବସ୍ଥା ଯଦି ବିପର୍ଯ୍ୟସ୍ତ ହୋଇ ରହେ ଏ ଷଡ଼ଯନ୍ତ୍ର ସଫଳ ହେବ ଏବଂ ହେଉଛି ମଧ୍ୟ ।

ଏଭଳି ଏକ ସଙ୍କଟରୁ ମୁକ୍ତି ପାଇବାକୁ ହେଲେ ଆମ ଶିକ୍ଷା ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ କଥା ଚିନ୍ତା କରିବାକୁ ହେବ । ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନର ଜାତୀୟକରଣ କରିବାକୁ ପଡ଼ିବ । ଶିକ୍ଷାଦାନରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମାନ କାମକୁ ସମାନ ଦରମା ନ୍ୟାୟରେ ପାରିଶ୍ରମିକ ଦେବାକୁ ପଡ଼ିବ । ତା'ହେଲେ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ମଧ୍ୟରେ ଥିବା ଜାତିଭେଦ ଦୂର ହେବ । ସୀମିତ ସମ୍ବଳ ସତ୍ତ୍ୱେ ଆମ ଶିକ୍ଷା ବ୍ୟବସ୍ଥା ସମାଜର ସବୁ ବର୍ଗର ସମ୍ମାନ ଲାଭ କରିପାରିବ । ଧାରଣାରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଯଥାର୍ଥ ଦାବିଗୁଡ଼ିକୁ ଗ୍ରହଣ କରି ଶିକ୍ଷା ବ୍ୟବସ୍ଥାରେ ଏହି ମୌଳିକ ପରିବର୍ତ୍ତନ ପାଇଁ ସରକାର ଆଗେଇ ଆସିବେ ବୋଲି ଆମର ବିଶ୍ୱାସ ।